## ସଂକ୍ଷେପରେ

### ଶିକାରୀ ଗିରଫ, ତାର ଜବତ



ଛେଣ୍ଡିପଦା,୩।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଙ୍କୁରପାଳ ସଂରକ୍ଷିତ ଜଙ୍ଗଲରେ ସୋମବାର ଭୋର୍ ୫ଟା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଗ୍ରାମର ବିପିନ ଭୋଇ(୪୦)ଙ୍କୁ ଗିରଫ କରାଯାଇଛି। ବିପିନ ଉକ୍ତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ପାଇଁ ଜିଆଇ ତାରରେ ଫାଶ ବସାଇଥିବା ଖବରପାଇ ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ କର୍ମଚାରୀଙ୍କ ସହ ଚଢ଼ାଉ କରିଥିଲେ। ଏଥିସହ ଜିଆଇ ତାର ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ବିପିନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୩।୨(ଡି.ଏନ.ଏ.)- ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ନିକଟରେ ସୋମବାର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

### ଗଡ଼ମଣ୍ଡଳ ଶିଶୁମନ୍ଦିରରୁ ଚୋରି



ଛେଣ୍ଡିପଦା,୩।୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ଗଡମଣ୍ଡଳ ଶିଶୁମନ୍ଦିର କାର୍ଯ୍ୟାଳୟରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ଶିକ୍ଷକ ଦେବରାଜ ସାହୁ ସୋମବାର ସକାଳେ ଶିଶୁ ମନ୍ଦିରକୁ ଯାଇଥିବାବେଳେ କାର୍ଯ୍ୟାଳୟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ପ୍ରଧାନ ଗୁରୁଜୀ ଜଗବନ୍ଧୁ ସାହୁ ଓ ସମ୍ପାଦକ ସୁଶୀଲ କୁମାର ସାହୁ ସେଠାରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ଆଲମାରୀ ଭାଙ୍ଗି କେହି ୨୦ ହଜାର ଟଙ୍କା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ବାଗଡିଆ ଫାଣ୍ଡି ଅଧିକାରୀ ଅବଦୁଲ ୱାସିମ ଖାନ ପହଞ୍ଚି ତଦନ୍ତ କରିଛନ୍ତି।

# ତାମଡା ପକ୍ଷରୁ ଜିଲାପାଳଙ୍କୁ ଦିଆଗଲା ରିପୋର୍ଟ

**ଅନୁଗୋଳ ସହର, ୩।୨**

- ଅନୁମତି ନ ନେଇ ଆପାର୍ଟମେଣ୍ଟ ନିର୍ମାଣ ଅଭିଯୋଗ ଘଟଣା
- ୨୦ ଦିନ ପରେ ରିପୋର୍ଟ ପ୍ରଦାନକୁ ନେଇ ପ୍ରଶ୍ନବାଚୀ
- ପୋଲିସ ପାଖରେ ଅଭିଯୋଗ କରିବ ତାମଡା

ଅନୁଗୋଳ ସହର ହୁଲୁରିସିଂହାଠାରେ ନିର୍ମାଣ ହେଉଥିବା ଏକ ଆପାର୍ଟମେଣ୍ଟକୁ ନେଇ ଅଭିଯୋଗ ଆସିବା ପରେ ତାଳଚେର-ଅନୁଗୋଳ-ମେରାମଣ୍ଡଳି ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ଙ୍କ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଗତ ଜାନୁୟାରୀ ୧୪ରେ ଉକ୍ତ ଅଭିଯୋଗର ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳଙ୍କ ପକ୍ଷରୁ ଚିଠି କରାଯାଇଥିଲା। କିନ୍ତୁ ତାମଡା ପକ୍ଷରୁ ୨୦ ଦିନ ପରେ ସୋମବାର ରିପୋର୍ଟ ଦିଆଯାଇଥିବାରୁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉକ୍ତ ରିପୋର୍ଟରେ ତାମଡା ପକ୍ଷରୁ ଦର୍ଶାଯାଇଛି ଯେ, ଆପାର୍ଟମେଣ୍ଟରେ କାର୍ଯ୍ୟ କରିବା ପାଇଁ ଅନୁମତି ୨୦୧୫ ଜୁନ ୧ରୁ ଶେଷ ହୋଇଯାଇଛି। ଉକ୍ତ ଘରୋଇ ସଂସ୍ଥା କର୍ତ୍ତୃପକ୍ଷ ଆପାର୍ଟମେଣ୍ଟର ବି ଓ ସି ବ୍ଲକ କାର୍ଯ୍ୟ ସାରି ଲୋକମାନଙ୍କୁ ରହିବା ପାଇଁ ଦେଇଥିବାବେଳେ ଏହି ବ୍ଲକ କାର୍ଯ୍ୟ କରି ନ ଥିଲେ। ନୂତନ ନିର୍ମାଣ ପାଇଁ କୌଣସି ଅନୁମତି ମଧ୍ୟ ନେଇ ନ ଥିଲେ। ଫଳରେ ଅର୍ଡର ଅଣ୍ଡର ସବ୍‌ସେକ୍ସନ୍ (ଆଇ) ଅଫ୍ ସେକ୍ସନ ୯୨ ଅଫ୍ ଦି ଓଡ଼ିଶା ଡେଭଲପମେଣ୍ଟ ଅଥରଟି ଆକ୍ଟ ୧୯୯୨ ଅନୁଯାୟୀ କାର୍ଯ୍ୟ ବନ୍ଦ କରିବାକୁ ଡିସେମ୍ବର ୨୭ରେ ନୋଟିସ୍ ଦିଆଯାଇଥିଲା। ସେହିପରି ଅଣ୍ଡର ସବ୍‌ସେକ୍ସନ (ଆଇ) ଅଫ୍ ସେକ୍ସନ ୯୧ ଅଫ୍ ଦି ଓଡ଼ିଶା ଡେଭେଲପମେଣ୍ଟ ଅଥରଟି ଆକ୍ଟ ୧୯୮୨ ଅନୁଯାୟୀ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲା। କିନ୍ତୁ ଉକ୍ତ ଦୁଇଟି ନୋଟିସ୍‌କୁ ଆପାର୍ଟମେଣ୍ଟର ଡାଇରେକ୍ଟର ଖାତିର କରି ନ ଥିବାରୁ ଏ ନେଇ ତାମଡା ପକ୍ଷରୁ ଅଣ୍ଡର ସବ୍‌ସେକ୍ସନ (ଆଇ) ଅଫ୍ ସେକ୍ସନ ୯୨(୨) ଅଫ୍ ଦି ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରଟି ଆକ୍ଟ ୧୯୮୨ ଅନୁଯାୟୀ ଅନୁଗୋଳ ଥାନାରେ ଏକ ମାମଲା ରୁଜୁ କରାଯିବା ପାଇଁ ଆବେଦନ କରାଯିବ। ଆପାର୍ଟମେଣ୍ଟ ପକ୍ଷରୁ କୌଣସି ପ୍ଲାନ୍ ଏଷ୍ଟିମେଣ୍ଟ ତାମଡାରେ ଦିଆଯାଇ ନ ଥିବାବେଳେ ଅଭିଯୋଗ ପରେ ଜାନୁୟାରୀ ୨୨ରେ ଆପାର୍ଟମେଣ୍ଟର ଡାଇରେକ୍ଟର ପ୍ଲାନ ଆପ୍ରୁଭାଲ ପାଇଁ ୩୯,୭୭୦ ଟଙ୍କା ଚେକ୍ ମାଧ୍ୟମରେ ଜମା କରିଛନ୍ତି। ଏ ସମ୍ପର୍କରେ ତାମଡା ପ୍ଲାନିଂ ବିଭାଗର ନାରାୟଣ ସାହୁ କହିଛନ୍ତି, ଜାନୁୟାରୀ ୨୨ରେ ଆପ୍ରୁଭାଲ ପାଇଁ ଆପାର୍ଟମେଣ୍ଟ ଡାଇରେକ୍ଟଙ୍କ ପକ୍ଷରୁ ଟଙ୍କା ଜମା କରାଯାଇଛି। ବର୍ତ୍ତମାନ ଅନୁମତି ପାଇଁ ଡକ୍ୟୁମେଣ୍ଟ ପ୍ରସ୍ତୁତ ଚାଲିଛି। ଜିଲାପାଳଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ସହିତ ଅନୁଗୋଳ ଥାନାରେ ଅଭିଯୋଗ କରାଯିବ। ତାମଡାର ସେକ୍ରେଟାରି ତଥା ଆସିଷ୍ଟାଣ୍ଟ କଲେକ୍ଟର ବୈଦୁରା ଦୀପ କହିଛନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏ ନେଇ ଅଧିକ ତଥ୍ୟ ଜିଲାପାଳ ପ୍ରଦାନ କରିପାରିବେ। ଜିଲା ସହକାରୀ ଅଗ୍ନିଶମ ବିଭାଗ ଅଧିକାରୀ ସର୍ବେଶ୍ୱର ବରାଳ କହିଛନ୍ତି, ଆପାର୍ଟମେଣ୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ଆବେଦନ ଅଗ୍ନିଶମ ବିଭାଗ ନିକଟରେ କରାଯାଇ ନାହିଁ କି କୌଣସି ଅନୁମତିପତ୍ର ପ୍ରଦାନ କରାଯାଇ ନାହିଁ।

# କୋର୍ଟ ଗ୍ରହଣ କଲେ ବେଲ୍ ଖାରଜ ପିଟିଶନ

**ଅନୁଗୋଳ ଅଫିସ୍, ୩।୨**

**୩୦ ମିନିଟରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା**

ବେଆଇନ ବନ୍ଧୁକ ଜବତ ମାମଲାରେ ଅନୁଗୋଳ ପୋଲିସ ଗିରଫ କରିଥିବା ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ୍ ପ୍ରଧାନ(୩୩)ଙ୍କୁ ଗିରଫର ମାତ୍ର ୩୦ ମିନିଟ୍ ପରେ ବେଲ୍ ମିଳିବା ଘଟଣା ଏବେ ଜଟିଳ ହେବାରେ ଲାଗିଛି। ଏହି ମାମଲାର ତଦନ୍ତ କରୁଥିବା ଜଣେ ଏସ୍‌ଆଇ ଅରକ୍ଷିତ ସେଠୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ପୂର୍ବରୁ ନିଲମ୍ବନ କରାଯାଇଥିବା ବେଳେ ଏବେ ବେଲ୍ ଖାରଜ ପାଇଁ କୋର୍ଟରେ ଦିଆଯାଇଥିବା ପିଟିଶନ ଗ୍ରହଣ ହେବା ଚର୍ଚ୍ଚାର ବିଷୟ ହୋଇଛି। ସରକାରୀ ପବ୍ଲିକ ପ୍ରସିକ୍ୟୁଟର(ପିପି) ପ୍ରଦୀପ କୁମାର ଦାସ କହିଛନ୍ତି, ଗତ ଶନିବାର ଏ ନେଇ କୋର୍ଟରେ ଆବେଦନ କରାଯାଇଥିଲା। ସୋମବାର କୋର୍ଟ ତାହାକୁ ଗ୍ରହଣ କରିବା ସହ ବେଲ୍ ମିଳିବା ଦିନ ମାମଲା ପରିଚାଳନା କରୁଥିବା ଦୁଇ ଓକିଲଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛନ୍ତି। ଆସନ୍ତା ୧୮ ତାରିଖରେ ଏହି ଆବେଦନ ଉପରେ ଶୁଣାଣି ପକ୍ରିୟା ଆରମ୍ଭ ହେବ ବୋଲି ପିପି ସୂଚନା ଦେଇଛନ୍ତି। ତେବେ ଏହି ମାମଲାକୁ ନେଇ ସାଧାରଣରେ ଦେଖାଦେଇଥିବା ଉତ୍ସୁକତା ଆହୁରି ବଢ଼ିବାରେ ଲାଗିଛି। ବିଶେଷକରି ବାପିଙ୍କୁ ପୋଲିସ ଉଠାଇ ଆଣିବା ପରେ ରଫାଦଫା କରିବାକୁ ଥାନାକୁ ତିନି ଦିନ ଧରି ଦୌଡ଼ିଥିବା ଜଣେ ବ୍ୟବସାୟୀଙ୍କ ସହ ବାପିଙ୍କ କି ସମ୍ପର୍କ ରହିଛି ତାହା ପୋଲିସ ଏଯାଏ ପଦାକୁ ଆଣିପାରି ନାହିଁ। ଏପରି କି ତାହାକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ତାହା ନେଇ ମଧ୍ୟ କିଛି ସ୍ପଷ୍ଟଚିତ୍ର ସାଧାରଣକୁ ଆସିନାହିଁ। ସେହିପରି ଗତ ୩୦ ତାରିଖରୁ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସେଠୀଙ୍କୁ ନିଲମ୍ବନ କରାଯାଇଥିଲେ ବି ଅଦ୍ୟାବଧି କୌଣସି ଅଧିକାରୀଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇ ନାହିଁ। ଏ ନେଇ ଅନୁଗୋଳ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଖୁବ୍‌ଶୀଘ୍ର ଏହାର ତଦନ୍ତ ଦାୟିତ୍ୱ ଅନ୍ୟ ଜଣେ ଅଧିକାରୀଙ୍କୁ ପ୍ରଦାନ କରାଯିବ।

# ୮ ଦଫା ଦାବି ନେଇ ଖଣି ବନ୍ଦ ଆନ୍ଦୋଳନ



ଗ୍ରାମବାସୀ ଖଣି ବନ୍ଦ ଆନ୍ଦୋଳନ କରୁଛନ୍ତି।

**ତାଳଚେର,୩।୨(ନି.ପ୍ର.)**

ତାଳଚେର ବ୍ଲକ ବାଲୁଙ୍ଗା ଖମାର ଗ୍ରାମବାସୀ ସୋମବାର ୮ ଦଫା ଦାବି ନେଇ ଖଣିବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଲିଙ୍ଗରାଜ କୋଇଲା ଖଣିରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ନୂତନ ରେଲୱେ ସାଇଡିଂରେ ଗ୍ରାମର ବେକାର ଯୁବକମାନଙ୍କୁ ନିଯୁକ୍ତି ଦିଆଯିବା, ଗ୍ରାମ ନିକଟରେ ଯାଇଥିବା କୋଲ୍ କରିଡର ରାସ୍ତାର ପରିବର୍ତ୍ତନ, ଏମ୍‌ସିଏଲ୍ ଦ୍ୱାରା ପ୍ରଦତ୍ତ ୩୪ କୋଟି ୫୬ ଲକ୍ଷ ଟଙ୍କାର ପାଣି ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରାଯିବା, ସ୍କୁଲ ବସ୍ ପ୍ରଦାନ, ସମସ୍ତ ଘରୋଇ କମ୍ପାନୀରେ ଗ୍ରାମର ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବା, ବକେୟା ଥିବା ଚାକିରି ଓ କ୍ଷତିପୂରଣ ପ୍ରଦାନ କରାଯିବା, ବିସ୍ଥାପିତଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେଲା ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ରଙ୍ଗାଧର ନାହାକଙ୍କ ନେତୃତ୍ୱରେ ଗ୍ରାମବାସୀ ଏହି ଖଣି ବନ୍ଦ ଆନ୍ଦୋଳନ କରିଥିଲେ। ପରେ ଖଣି କର୍ତ୍ତୃପକ୍ଷ, ପ୍ରଶାସନ, ପୋଲିସ ଉପସ୍ଥିତିରେ ଏ ନେଇ ଆଲୋଚନା ପରେ ଗ୍ରାମବାସୀ ଆନ୍ଦୋଳନରୁ ନିବୃତ୍ତ ହୋଇଥିଲେ।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ବଇଣ୍ଡା,୩।୨(ଡି.ଏନ.ଏ.)**

ବଇଣ୍ଡା-ଇଚ୍ଛାପୁର ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ପଦ୍ମପୁର ସାହି ନିକଟରେ ସୋମବାର ରାତି ୭ଟାରେ ଏକ ବାଇକ୍ ଭାରସାମ୍ୟ ହରାଇ ସିମେଣ୍ଟ ଖୁଣ୍ଟରେ ପିଟି ହୋଇଯାଇଛି। ଫଳରେ ବାଇକ୍ ଚାଳକ ଇଚ୍ଛାପୁର ଗ୍ରାମର ପଦ୍ମଲୋଚନ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପଛରେ ବସିଥିବା କବିରାଜ ସାହୁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ପଦ୍ମଲୋଚନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟେ ବାଇକ୍ ଯୋଗେ ଇଚ୍ଛାପୁର ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

# ଏମ୍‌ସିସି ନିର୍ମାଣ କାର୍ଯ୍ୟକୁ ବିରୋଧ



ହେମସୁରପଡ଼ାବାସୀ ବିରୋଧ କରୁଛନ୍ତି।

**ତାତିଲେ ହେମସୁରପଡ଼ା ବାସିନ୍ଦା**

**ଅନୁଗୋଳ ଅଫିସ୍, ୩।୨**

ଅନୁଗୋଳ ସହର ହେମସୁରପଡ଼ାଠାରେ ନିର୍ମାଣ ହେଉଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)କୁ ସୋମବାର ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ସୋମବାର କାର୍ଯ୍ୟ ଚାଲିଥିବା ବେଳେ ଅଞ୍ଚଳବାସୀ ସେଠାରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ଅଞ୍ଚଳବାସୀ କହିଥିଲେ ଯେ, ଏଠାରେ ଶ୍ମଶାନ ନିର୍ମାଣ ନିମନ୍ତେ ପୌରପାଳିକାରେ କାଉନସିଲ୍ ଥିବାବେଳେ ଜାଗା ଦିଆଯାଇଥିଲା। ଏବେ ଏଠାରେ କିପରି ଏମ୍‌ସିସି ନିର୍ମାଣ କରାଯାଉଛି। ଅନ୍ୟସ୍ଥାନରେ ହେବାକୁ ଥିବା ଏହି ପ୍ରକଳ୍ପକୁ କାହା ଇଙ୍ଗିତରେ ଟାଉନ୍ ହାଇସ୍କୁଲ ପାଖକୁ ସ୍ଥାନାନ୍ତର କରାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ବିରୋଧ ଖବରପାଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ କେତେଜଣ ରାଜନୈତିକ ବ୍ୟକ୍ତି ମଧ୍ୟ ପହଞ୍ଚି ପୌର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ନିର୍ବାହୀ ଅଧିକାରୀ କହିଛନ୍ତି, ଦୁର୍ଗା ମଣ୍ଡପ ନିକଟରେ ଲୋକମାନେ ବିରୋଧ କରିବାରୁ ପୌର ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଟାଉନ୍ ହାଇସ୍କୁଲ ଜାଗାରେ ଏମ୍‌ସିସି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ତହସିଲ ପକ୍ଷରୁ ମଧ୍ୟ ଏଠାରେ ନିର୍ମାଣ ପାଇଁ ଅନୁମତି ମିଳିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଦାୟକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ତାଳଚେର,୩।୨(ନି.ପ୍ର.):** ଗୋଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଶା କର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଦଳି ହୋଇଥିବା ଦୁଇ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳିକା (ବିପିଏମ୍) ଆରତୀ ସାହୁ ଓ ଗୋଷ୍ଠୀ ହିସାବ ରକ୍ଷକ (ବିଏଏମ୍) ଦେବାଶିଷ ମିଶ୍ରଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆରତୀ ସାହୁଙ୍କ ବଅଁରପାଳ ଓ ଦେବାଶିଷ ମିଶ୍ରଙ୍କ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛି। ଏହି କାର୍ଯ୍ୟକ୍ରମରେ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅନ୍ୱେଷା ମହନ୍ତ, ଡା. ସୁଦେଷ୍ଣା ସାହୁ, ରୋହିତ ବେହେରା, ଅନ୍ନପୂର୍ଣ୍ଣା ଦେଇ, ନିରୁପମା ଶତପଥୀ, ପୁଷ୍ପଲତା ପ୍ରଧାନଙ୍କ ସମେତ ଗୋଡିବନ୍ଧ ସେକ୍ଟରର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

# ହାତୀ କ୍ଷତିଗ୍ରସ୍ତଙ୍କୁ ସହାୟତା




ସମିତି ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଉଛି।

**ତାଳଚେର,୩।୨(ନି.ପ୍ର.):** ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମ ହରିଜନ ସାହିର ୩ ପରିବାରକୁ ଗୋପବନ୍ଧୁ ଦରିଦ୍ର କଲ୍ୟାଣ ସମିତି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସମିତିପକ୍ଷରୁ ଗ୍ରାମର ରାଜୁଗୋଚ୍ଛାୟତଙ୍କୁ ୨ ହଜାର, ଜଗା ଗୋଚ୍ଛାୟତ ଓ ପ୍ରଦୀପ ଗୋଚ୍ଛାୟତଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଗତ ଜାନୁୟାରୀ ୧୭ ତାରିଖରେ ଏକ ଦନ୍ତାହାତୀ ସମ୍ପୃକ୍ତ ୩ ଜଣଙ୍କ ଘର ଭାଙ୍ଗି ଦେଇଥିଲା। ସେମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଖବରପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମିତିର ନରେଶ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର କୁମାର ସାହୁ ଏବଂ ସାମାଜିକ କର୍ମୀ କ୍ଷୀରୋଦ ସାହୁ ଗ୍ରାମରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ।


**UTKAL UNIVERSITY**
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA

**Advertisement for the post of ASSISTANT PROFESSOR**
Advt. No. Estt.I/1041/3633/2020 Dated: 03/02/2020

Online applications are invited in the prescribed Application Form from eligible candidates for appointment to the post of **ASSISTANT PROFESSOR** in various Departments under Utkal University in the Academic Pay Matrix Level-10 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.

For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.

Sd/-
REGISTRAR

**UTKAL UNIVERSITY**
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA

**Advertisement for the post of ASSOCIATE PROFESSOR**
Advt. No. Estt.I/1041/3618/2020 Dated: 03/02/2020

Online applications are invited in the prescribed Application Form from eligible candidates for appointment to the post of **ASSOCIATE PROFESSOR** in various Departments under Utkal University in the Academic Pay Matrix Level-13A of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.

For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.

Sd/-
REGISTRAR

**UTKAL UNIVERSITY**
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA

**Advertisement for the post of PROFESSOR**
Advt. No. Estt.I/1041/3603/2020 Dated: 03/02/2020

Online applications are invited in the prescribed Application Form from eligible candidates for appointment to the post of **PROFESSOR** in various Departments under Utkal University in the Academic Pay Matrix Level-14 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.

For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.

Sd/-
REGISTRAR



World Cancer Day
4 February
NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

**ବିଶ୍ୱ କର୍କଟ ଦିବସ**
୪ ଫେବୃଆରୀ ୨୦୨୦

 କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟରେ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରି ରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା ।

**କ୍ୟାନ୍‌ସର ପ୍ରତିରୋଧର ଉପାୟ**

- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା ।
- ନିୟମିତ ସ୍ତନ୍ୟପାନ କରାଇବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।
- ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ।

**ମନେରଖନ୍ତୁ, କ୍ୟାନ୍‌ସର ରୋଗ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟସାଧ୍ୟ ।**

ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

DSPL-257
OIPR-10003/13/0069/1920
facebook.com/HFWOdisha http://www.health.odisha.gov.in/ @HFWOdisha

# ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ପରଜଙ୍ଗ, ୩।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଜିଆଇଟି)ର ଅଗ୍ନିଭବନ ଛାତ୍ର ନିବାସରୁ ସୋମବାର ଡିପ୍ଲୋମା ୩ୟ ବର୍ଷ ଛାତ୍ର ପଙ୍କଜ ନାୟକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଛାତ୍ରଙ୍କ ବାପା ଜେନାମଣି ନାୟକ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କଲେଜରେ ଛାତ୍ର ଅଶାନ୍ତି ତେଜିଛି। ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ କରାଇବାକୁ ଦାବି କରି ଛାତ୍ରମାନେ କଲେଜ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ବାତାବରଣ ସୃଷ୍ଟି ହୋଇଥିଲା। ଦାବିପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାତି ୯ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ହଷ୍ଟେଲର ଅନ୍ୟ ସହପାଠୀମାନେ ସୋମବାର କଲେଜ ଯାଇଥିଲେ। ସେମାନେ ଫେରିବା ବେଳକୁ ପଙ୍କଜ ରହୁଥିବା ପ୍ରକୋଷ୍ଠର ଭିତର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। କବାଟ ଭାଙ୍ଗି ଭିତରକୁ ଯିବା ସମୟରେ ପଙ୍କଜଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। କଲେଜ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ସଦସ୍ୟ, କଲେଜର ଛାତ୍ରମାନେ ଡାକ୍ତରଖାନାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ ପହଞ୍ଚିବା ପରେ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା। ମୃତଛାତ୍ରଙ୍କ ବାପା ଏବଂ କଲେଜ ନିର୍ଦ୍ଦେଶକଙ୍କ ମଧ୍ୟରେ ହାତାହାତି ଯାଏ କଥା ଯାଇଥିଲା।

ଏ ନେଇ ଜେନାମଣି କୁହନ୍ତି, ପୁଅକୁ ହତ୍ୟା କରାଯାଇଛି। ହତ୍ୟା ପରେ ଘଟଣାକୁ ଆତ୍ମହତ୍ୟା ରୂପ ଦେବାକୁ ଅପଚେଷ୍ଟା କରାଯାଉଛି। ଏହା ପଛରେ କଲେଜ କର୍ତ୍ତୃପକ୍ଷ ଏବଂ ଅନ୍ୟ କେତେଜଣଙ୍କ ହାତ ରହିଛି। ଏ ନେଇ ସେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନଂ. ୨୦/୨୦୨୦, ଦଫା ୩୦୨, ୩୪ରେ ମାମଲା ରୁଜୁ ହୋଇଛି। ସେହିପରି ତାଳଚେର ଥାନାରେ ନଂ. ୬/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ହାତାହାତି ହେବା ସମ୍ପର୍କରେ କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ କୁହନ୍ତି, ପୁଅ ମୃତ୍ୟୁ ଘଟଣାକୁ ନେଇ ତାଙ୍କ ବାପା ଉତ୍ତେଜିତ ହୋଇ କ'ଣ କରିଦେଇଛନ୍ତି। ଏ କଥାକୁ ସେ ଧରିନାହାନ୍ତି। ହେଲେ ସେ ମୃତଛାତ୍ରଙ୍କ ବାପାଙ୍କ ଉପରକୁ ହାତ ଉଠାଇ ନ ଥିବା ସ୍ପଷ୍ଟୀକରଣ ଦେଇଛନ୍ତି।

ଅନ୍ୟପଟେ ଘଟଣାକୁ ନେଇ ସନ୍ଧ୍ୟାରେ ଛାତ୍ରମାନେ କଲେଜ ଗେଟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। କଲେଜ ଆମ୍ବୁଲାନ୍ସରେ ଅକ୍ସିଜେନ ସୁବିଧା ନ ଥିବାରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ଏପରି ଅବ୍ୟବସ୍ଥା ଲାଗି ସେମାନେ କଲେଜ ନିର୍ଦ୍ଦେଶକଙ୍କୁ ଦାୟୀ କରିଥିଲେ। ତୁରନ୍ତ କଲେଜରେ ଡାକ୍ତର ନିଯୁକ୍ତି, ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଆମ୍ବୁଲାନ୍ସରେ ଅକ୍ସିଜେନ ସୁବିଧା ଦାବିରେ ସେମାନେ ଅଡ଼ି ବସିଥିଲେ। ହେଲେ କଲେଜ ମୁଖ୍ୟଗେଟ୍ ତାଲାକୁ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ସିକ୍ୟୁରିଟି ଗାର୍ଡ ଭାଙ୍ଗିଦେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଉଠିଥିଲା। ମାସେ ମଧ୍ୟରେ ଡାକ୍ତର ନିଯୁକ୍ତି କରାଯିବ ବୋଲି କଲେଜ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା।

ପୋଲିସ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ପ୍ରକୋଷ୍ଠକୁ ସିଲ୍ କରିଦେଇଛି। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଥାନାଧିକାରୀ ସନ୍ତୋଷ ପ୍ରଧାନ, ଫାଣ୍ଡି ଅଧିକାରୀ ଦାମୋଦର ସାହୁ ସଦଳବଳ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ମୃତଛାତ୍ରଙ୍କ ଘର କଣିହାଁ ଥାନା ଜରଡ଼ା ଗ୍ରାମରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଛାତ୍ର ମୃତ୍ୟୁ ଉପରୁ ପରଦା ହଟିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।



ଛାତ୍ରମାନେ କଲେଜ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି। ମୃତ ଛାତ୍ର (ଇନ୍‌ସେଟ୍)।

- ପରିବାର ସଦସ୍ୟ ଆଣିଲେ ହତ୍ୟା ଅଭିଯୋଗ
- ଆଇଜିଆଇଟି କଲେଜ କ୍ୟାମ୍ପସ ଅଶାନ୍ତ
- ଫାଟକରେ ତାଲା ପକାଇ ଛାତ୍ରଙ୍କ ଆନ୍ଦୋଳନ

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**କାମାକ୍ଷାନଗର, ୩।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ୫୩ନଂ. ଜାତୀୟ ରାଜପଥର ଲୋକନାଥପୁର ଶାସନ ନିକଟରେ ସୋମବାର ଅପରାହ୍ନରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥପୁର ଗ୍ରାମର ଜୁକ ମଲିକଙ୍କ ପୁଅ ଉଦୟ (୩୬)। ଏଥିରେ ସେହି ଗ୍ରାମର ଛବି ମଲିକଙ୍କ ପୁଅ ଟୁନା (୨୫) ଗୁରୁତର ହୋଇଛନ୍ତି। ଉଭୟେ ଏକ ବାଇକ୍‌ରେ ଯାଜପୁର ଜିଲା ଡୁବୁରିସ୍ଥିତ ଏକ ମାଇନ୍ସକୁ ଗାଡ଼ି ଚଳାଇବାକୁ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଉଦୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଟୁନାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଛାତିରେ ଗଭୀର ଆଘାତ ଲାଗିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

### ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ, ୩।୨:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍କଳ ଉଫୁନା କାର୍ଯ୍ୟାଳୟରେ ସୋମବାର ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଫୁନାର ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର କ୍ଷୀରୋଦ ନାୟକ ଯୋଗଦେଇ କହିଲେ, ରବି ସିଂଙ୍କ କଲମରେ ପୁଞ୍ଜିବାଦୀ ବିରୋଧୀ ଭାବ ସ୍ପଷ୍ଟ ପ୍ରତିଫଳିତ ହୋଇଛି। ଜଣେ ସାଲିସବିହୀନ ମଣିଷ ଭାବେ ସେ ସର୍ବଦା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହୋଇ ରହିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସରୋଜ ଶତପଥୀ, ଅକ୍ଷୟ ଶତପଥୀ, ଡମ୍ବରୁଧର ପଣ୍ଡା, ସତ୍ୟାନନ୍ଦ ବିଶ୍ୱାଳ, ବର୍ଷା ପଟ୍ଟନାୟକ ପ୍ରମୁଖ ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ପ୍ରସାଦ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜ୍ୟ ସମ୍ପାଦକ କବି ବାହାଦୂର ପାଟସାହାଣୀ ଧନ୍ୟବାଦ ଦେଇଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ



**ହିନ୍ଦୋଳ, ୩।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ଦିଅରପଶି ଗ୍ରାମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦୮ କଳସଯାତ୍ରା ସହ ବିଧିବଦ୍ଧ ଭାବେ ଠାକୁରଙ୍କ ପୂଜାର୍ଚ୍ଚନା ଏବଂ ନାମକୀର୍ତ୍ତନ ହୋଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଧର, ଧରଣୀଧର ଧର ପୂଜାକାର୍ଯ୍ୟ ତୁଲାଇଥିଲେ। କଙ୍କାଳୁ, କୁରୁମିଠା, ଅନୁଗୋଳ, ନାଉପାଳ ସମେତ ବିଭିନ୍ନ ସ୍ଥାନରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଆମନ୍ତ୍ରିତ ହୋଇ ଆସିଥିଲେ। ନରସିଂହପୁରର କାଞ୍ଜିଆପଦା, ଲେହେଙ୍ଗା, ପତଣ୍ଡା, ଗୁହାଳସାହିରୁ ଆସିଥିବା ମହିଳା ସଂକୀର୍ତ୍ତନ ଦଳ ପ୍ରମୁଖ ଆକର୍ଷଣ ସାଜିଥିଲେ। ବିଜୟ ସାହୁ, ରାଜୀବ ଧର, ବିଦେଶୀ ଦାସ, ମନୋଜ ଦାସ, ସ୍ୱପ୍ନେଶ୍ୱର ସାହୁ, ଅଭୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବକେୟା ପ୍ରାପ୍ୟ ଦାବିରେ ଠିକାଦାରଙ୍କ ଧାରଣା

**ଓଡ଼ାପଡ଼ା, ୩।୨(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ କମ୍ପାନୀ ସମ୍ମୁଖରେ ସୋମବାର କେତେଜଣ ଠିକାଦାର ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଠିକାଦାରମାନେ ଜିଏମ୍‌ଆର କମ୍ପାନୀ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ଠିକାସଂସ୍ଥାଠାରୁ ଆଦେଶ ପାଇ କାର୍ଯ୍ୟ କରିଥିଲେ। ହେଲେ ଅଦ୍ୟାବଧି ସେମାନଙ୍କୁ ପ୍ରାପ୍ୟ ମିଳିନାହିଁ। ଏ ନେଇ ସେମାନେ ପୂର୍ବରୁ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏ ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ରହିଛି। କୋର୍ଟ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ କହି ଅଧିକ ଆଲୋଚନା ପାଇଁ ପ୍ରଶାସନ ରାଜି ହେଉନାହିଁ। ଏଣୁ ସେମାନେ କାରଖାନାକୁ ମାଲ୍ ପରିବହନ ହେଉଥିବା ଗେଟ୍ ସମ୍ମୁଖରେ ଧାରଣାରେ ବସିରହି ପ୍ରତିବାଦ କରିଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଚାଷୀମାନେ।

# ମିଲର ବିରୋଧରେ ଚାଷୀ ମେଳି

**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ସଦର ବ୍ଲକ କାଙ୍କଡ଼ପାଳ ସେବା ସମବାୟ ସମିତି ପରିସରରେ ହୋଇଥିବା ମଣ୍ଡିରେ ମିଲରଙ୍କ ମନମାନିକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ପ୍ରତିବାଦରେ ଧାନ ବିକ୍ରି କରିବାକୁ ଆସିଥିବା ଶୁଆଖାଇକାଟେଣୀ ଏବଂ ପୌରାଞ୍ଚଳର ଶତାଧିକ ଚାଷୀ ଏକାଠି ହୋଇ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ଶୁଖିଲା, ପରିଷ୍କାର ଧାନ ଆଣିଲେ ମଧ୍ୟ ମିଲର ଖରାପ ଦର୍ଶାଇ ଫେରାଇ ଦେଉଛନ୍ତି। ସମିତି ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀଙ୍କ ଉପସ୍ଥିତିରେ ଧାନର ମାନ ପରୀକ୍ଷା କରାଯାଉଥିଲେ ହେଁ ଏହାକୁ ମିଲର ମାନୁନାହାନ୍ତି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ, ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏ ଦିଗରେ ଉଚିତ କାର୍ଯ୍ୟପନ୍ଥା ଗ୍ରହଣ କରା ନ ଗଲେ ମିଲରଙ୍କୁ ମଣ୍ଡିରେ ପୂରାଇ ଦିଆଯିବନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏଥିସହ ନୂଆ ମିଲର ନିଯୁକ୍ତି କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ କୁହନ୍ତି, ଚାଷୀଙ୍କ ଅଭିଯୋଗ ମିଳିଛି। ସେମାନେ ମିଲରଙ୍କୁ ପରିବର୍ତ୍ତନ କରିବାକୁ ଦାବି କରୁଛନ୍ତି। ଏ ଦିଗରେ ଉଚିତ ପଦକ୍ଷେପ ନିଆଯିବ।

# ବସନ୍ତ ଉତ୍ସବ ପାଳିତ

**ଢେଙ୍କାନାଳ ଅଫିସ, ୩।୨**

ଜିଲା ଲେଖକ ସଂସଦ ବସନ୍ତ ଭବନ ପରିସରରେ ଭାରତୀୟ ଯୋଗ ସଂସ୍ଥାନ ଶାଖା ପକ୍ଷରୁ ରବିବାର ବସନ୍ତ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସଦର ସମ୍ପାଦକ ବସନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ସୁବାସ ଚନ୍ଦ୍ର ଦାସ, ପି.କେ. ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗଠନ ମନ୍ତ୍ରୀ ରଘୁନାଥ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାଖାର ଯୋଗ ପ୍ରଧାନ ସୁଶିଲ ଜୀ, ଉପପ୍ରଧାନ ସ୍ମିତାରାଣୀ ସାମଲ, କ୍ଷେତ୍ର ପ୍ରଧାନ ଏନ୍.ସି. ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପୀତବାସ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ବୁଝିଲେ ବିଧାୟକ



**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ପୌରାଞ୍ଚଳର ୧୮ନଂ. ୱାର୍ଡ ଅଧୀନ ଭଗବାନପୁର ଗ୍ରାମକୁ ସୋମବାର ଗସ୍ତ କରି ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଛନ୍ତି। ଗ୍ରାମ ମଣ୍ଡପଠାରେ ଗ୍ରାମ ସଭାପତି ପ୍ରେମାନନ୍ଦ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚକ୍ରଧର ନାୟକ, ଭଗବାନ ନାଥ, ଅଚ୍ୟୁତାନନ୍ଦ ପୁହାଣ, ଗ୍ରାମ ଉପସଭାପତି ବିଘ୍ନେଶ୍ୱର ରାଉତ ପ୍ରମୁଖ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ।

ଅଞ୍ଚଳବାସୀଙ୍କ କହିବା କଥା, ୱାର୍ଡର ଭୋଟରମାନେ ପୌର ନିର୍ବାଚନରେ ଭୋଟ ଦେଉଛନ୍ତି। ହୋଲ୍ଡିଂ ଟ୍ୟାକ୍ସ ଏବଂ ଜଳକର ମଧ୍ୟ ପ୍ରଦାନ କରୁଛନ୍ତି। ଏସବୁ ସତ୍ତ୍ୱେ ସେମାନଙ୍କ ଜମିପଟ୍ଟାରେ କାଙ୍କଡ଼ପାଳ ବଡ଼ପାଳ ମୌଜା ଲେଖାଯାଉଛି। ଏଣୁ ଯୋଗ୍ୟତା ଥାଇ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଏ ଦିଗରେ ପଦକ୍ଷେପ ନେବା ଲାଗି ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରାସ୍ତା, ଡ୍ରେନ୍, ଶ୍ମଶାନ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଲୋକମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସାମାଜିକ କର୍ମୀ ଦୀପକ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଯୁବ ବିଜେଡି ଉପସଭାପତି ବିନୋଦ ମହାନ୍ତି, ବିନାୟକ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ୬୯ ଅଭିଯୋଗର ଶୁଣାଣି

**ହିନ୍ଦୋଳ, ୩।୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ୬୯ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗକାରୀଙ୍କ ସମସ୍ୟା ସମାଧାନ କରିବା ଦିଗରେ ଯତ୍ନବାନ ହେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏସ୍‌ପି ଅନୁପମା ଜେମ୍ସ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ଉଦୟନାଥ ମହାପାତ୍ର, ତହସିଲଦାର ଅଜୟ କୁମାର ମଲ୍ଲିକ, ବିଡିଓ ଦେବଦତ୍ତ ମାହୁନ୍ତ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତଙ୍କ ସମେତ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଜଣେ ହିତାଧିକାରୀଙ୍କ ଅଭିଯୋଗ ଶୁଣୁଛନ୍ତି।

# ମନେପଡ଼ିଲେ ସଂଗ୍ରାମୀ ଧନୀ ବାରିକ



ଜୟନ୍ତୀ ସମାରୋହରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୩।୨**

ଢେଙ୍କାନାଳ ଜିଲା ଲେଖକ ସଂସଦ ସଭାଗୃହରେ ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକଙ୍କ ୧୦୮ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଧନି ବାରିକ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ବଡ଼ଜେନା ସାହିତ୍ୟ ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ, ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ।

ଅନୁଷ୍ଠାନର ସମ୍ପାଦକ କବିଗୌରବ ବିଦ୍ୟାଧର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖପତ୍ର 'ନୀଳତରଙ୍ଗ' ଲୋକାର୍ପିତ ହୋଇଥିଲା। ଏଥିସହ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଉଦ୍ୟମ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। କବି ବାହାଦୂର ପାଟସାହାଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଲୋକନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂଯୁକ୍ତା ଶରଣ, ନନ୍ଦିକେଶ୍ୱରୀ ନାଥ, ମମତା ମିଶ୍ର, ସୁକାନ୍ତି ସାହୁ ଏହାକୁ ସଂଯୋଜନା କରିଥିଲେ। ଶିକ୍ଷାବିତ ବୈକୁଣ୍ଠ ବିହାରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଆଗାମୀ ଲକ୍ଷ୍ୟ ସିନେମା

**ଧରିତ୍ରୀ ଆଳାପ**

## ଆଇୱା ସୁପର ମଡେଲ ବିଜୟିନୀ ଦୀପ୍ତିଜ୍ୟୋତି



**ଶିକ୍ଷାଗତ ଯୋଗ୍ୟତା ବି ଟେକ୍। ନିଶା କିନ୍ତୁ ମଡେଲିଂ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ନିଷ୍ଠାପର ଉଦ୍ୟମ ବଳରେ ସର୍ବଭାରତୀୟସ୍ତରରେ ଆୟୋଜିତ ଆଇୱା ସୁପର ମଡେଲ ପ୍ରତିଯୋଗିତାରେ ମୁକୁଟ ପିନ୍ଧିଛନ୍ତି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ଦୀପ୍ତିଜ୍ୟୋତି ପଟ୍ଟନାୟକ। ଖୁବ୍ ଅଳ୍ପ ବୟସରେ ଫେଶନ ଆଇକନ ପାଲଟିଥିବା ଦୀପ୍ତିଜ୍ୟୋତି 'ଧରିତ୍ରୀ' ସହ ବାଣ୍ଟିଛନ୍ତି ବ୍ୟକ୍ତିଗତ ଜୀବନର କିଛି ଖଟାମିଠା ଅନୁଭୂତି...**

**ପ୍ରଶ୍ନ: ଫ୍ୟାଶନ ଦୁନିଆ ପ୍ରତି ଆକର୍ଷିତ ହେଲେ କାହିଁକି ?**

-ସୁନ୍ଦର ଗଢ଼ଣ, ଆଖି ପାଇଁ ସାଙ୍ଗସାଥୀମାନେ ମଡେଲିଂ କରିବାକୁ ସବୁବେଳେ କହୁଥିଲେ। ପିଲାଟି ଦିନରୁ ସଜେଇ ହେବା, ର୍ୟାମ୍ପ ଶୋ'ରେ ଭାଗନେବାକୁ ପ୍ରବଳ ଦୁର୍ବଳତା ଥିଲା। ବୟସ ବଢ଼ିବା ସହିତ ଫ୍ୟାଶନ ନିଶାରେ ପରିଣତ ହୋଇଯାଇଛି।

**ପ୍ରଶ୍ନ: ଆଇୱାକୁ ଯାତ୍ରା କିପରି ରହିଥିଲା?**

-ଭୁବନେଶ୍ୱରରୁ ବି ଟେକ୍ ପାସ୍ କରିବା ପରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲି। ସେଲିବ୍ରିଟି ହେବାକୁ ପ୍ରବଳ ଇଚ୍ଛା ଥିଲା। ହେଲେ ପ୍ଲାଟଫର୍ମ ମିଳୁ ନ ଥିଲା। ଫୁରସତ୍‌ରେ ଭୁବନେଶ୍ୱରରେ ପାର୍ଟ ଟାଇମ୍ ମଡେଲିଂ କରିବା ସହ ଫଟୋଶୁଟ୍ ମଧ୍ୟ କରିଥିଲି। ବିଭିନ୍ନ କମ୍ପାନୀ ପାଇଁ ପ୍ରମୋସନାଲ ଆଡ୍ ମଧ୍ୟ କରିଛି। ହେଲେ ଏହା ପରିଚୟ ସୃଷ୍ଟି ପାଇଁ ଯଥେଷ୍ଟ ନ ଥିଲା। 'ଅଗ୍ରଣୀ ଓଡ଼ିଶା' ସଂସ୍ଥାର ପ୍ରେରଣା ଆଇୱା ପାଇଁ ବାଟ ଖୋଲିଦେଲା। ଏହା ପଛରେ ଆଇୱାର ଚେୟାରମ୍ୟାନ ଦଲଜିତ୍ କୌର, ଅଗ୍ରଣୀ ଓଡ଼ିଶାର ସାଧାରଣ ସମ୍ପାଦକ ଶୁଭେନ୍ଦୁ ଦାସଙ୍କ ପ୍ରଚ୍ଛନ୍ନ ହାତ ରହିଛି।

**ପ୍ରଶ୍ନ: ପ୍ରତିଯୋଗିତା ସମ୍ପର୍କରେ ପଦେ ?**

-ପ୍ରତିଯୋଗିତାରେ ଶତାଧିକ ପ୍ରାର୍ଥୀ ଚୟନ ହୋଇ ଆସିଥିଲେ। ଶେଷ ପର୍ଯ୍ୟାୟରେ ୬ଜଣ ଝିଅ, ୬ ପୁଅ ପହଞ୍ଚିଥିଲେ। ଜାନୁୟାରୀ ୨୯, ୩୦ ଏବଂ ୩୧ରେ ଅନୁଷ୍ଠିତ ପ୍ରତିଯୋଗିତା ପାଇଁ ଡକରା ଆସିଥିଲା। ପ୍ରଥମ ଦିବସର ବିଷୟବସ୍ତୁ ଥିଲା ମଡେଲିଂ। ଏଥିରେ ଫଟୋଶୁଟ୍ କରାଯାଇଥିଲା। ଦ୍ୱିତୀୟ ଦିବସରେ ମଡେଲିଂ ସହ ୱାକିଂ ପ୍ରତିଯୋଗିତା ହୋଇଥିଲା। ଶେଷଦିନରେ ଆଇକ୍ୟୁ ଟେଷ୍ଟ ପାଇଁ ବିଚାରକମଣ୍ଡଳୀଙ୍କ ଦ୍ୱାରା ପ୍ରଶ୍ନ ପଚରାଯାଇଥିଲା।

**ପ୍ରଶ୍ନ: ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ କେମିତି ଶ୍ରେଷ୍ଠ ସ୍ଥାନ ହାସଲ କଲେ ?**

-ପ୍ରତିଯୋଗିତାର ଅନ୍ତିମ ଦିବସରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଥିଲା। ଏହି ପ୍ରତିଯୋଗିତା ଜାତୀୟସ୍ତରରେ ମୋ ପାଇଁ ଥିଲା ପ୍ରଥମ। ସାମାନ୍ୟ ନର୍ଭସ ଲାଗୁଥିଲା। ଏସବୁ ଭିତରେ ବିଚାରକଙ୍କ ସମ୍ମୁଖୀନ ହେବା ଚ୍ୟାଲେଞ୍ଜ ପାଲଟିଥିଲା। ବିଚାରକମଣ୍ଡଳୀଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନ ଥିଲା 'ବିବାହ ପରେ ତୁମେ ଝିଅ ନା ପୁଅ ସନ୍ତାନ ପାଇଁ ଇଚ୍ଛୁକ ହେବ'। ଏହାର ଉତ୍ତର ସଂକ୍ଷିପ୍ତରେ କହିବାକୁ ନିର୍ଦ୍ଦେଶ ଥିଲା। ମୁଁ ଉତ୍ତରରେ କହିଲି 'ଝିଅ', ଯିଏ ସମାଜରୁ କୁସଂସ୍କାର ଦୂର କରିପାରିବ। ଘର ସମ୍ଭାଳିବ। ମା'ବାପାଙ୍କ ସେବାକରି ପରିବାରରେ ଶାନ୍ତି ଆଣିପାରିବ। ଏପରି ଉତ୍ତର ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେମାନେ ମତେ ବିଜେତା ଘୋଷଣା କରିଥିଲେ।

**ପ୍ରଶ୍ନ: ସଫଳତା ପଛର ପ୍ରେରଣା କିଏ ?**

-ବାପା ପ୍ରଭାତ ପଟ୍ଟନାୟକ, ମା' ସରୋଜବାଳା ପଟ୍ଟନାୟକଙ୍କ ଆଶୀର୍ବାଦର ଅଭାବ କେବେ ଅନୁଭବ କରିନି। ସେମାନେ ପ୍ରଥମରୁ ସ୍ୱାଧୀନଚେତା ହେବା ଶିଖାଇଛନ୍ତି। ଆବଶ୍ୟକ ସମୟରେ ସାଙ୍ଗସାଥୀମାନେ ମଧ୍ୟ ଉତ୍ସାହିତ କରିଛନ୍ତି। ସଫଳତା ପଛରେ ସମସ୍ତଙ୍କ ଆଶୀର୍ବାଦ, ଭଲପାଇବାର ଶ୍ରେୟ ରହିଛି।

**ପ୍ରଶ୍ନ: ଆଗାମୀ ଲକ୍ଷ୍ୟ ?**

-ପାଠ ପଢ଼ିବା। ଚାକିରି କରିବା ଲକ୍ଷ୍ୟ ପୂରଣ ହୋଇଛି। ଆଇୱା ଆୱାର୍ଡ ଜିତିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା, ପ୍ରଶଂସା ମିଳୁଛି। ଏବେ ଚଳଚ୍ଚିତ୍ରରେ ଅଭିନୟ କରିବା ଲକ୍ଷ୍ୟ ରଖିଛି। ଏଥିଲାଗି ସୁଯୋଗକୁ ଅପେକ୍ଷା କରିଛି। ଭଲ କାହାଣୀ ମିଳିଲେ ଆଶା ପୂରଣ ହେବ।

**ପ୍ରଶ୍ନ:ଫ୍ୟାଶନ ଦୁନିଆରେ ପାଦ ଦେଉଥିବା ଯୁବପିଢ଼ିଙ୍କୁ କ'ଣ କହିବେ ?**

-ଫ୍ୟାଶନ ଦୁନିଆରେ ପ୍ରବେଶ କରିବା ଯେତିକି ସହଜ, ଏଥିରେ ତିଷ୍ଠି ରହିବା କାଠିକର ପାଠ। ହେଲେ ଜଣେ ନିଷ୍ଠାପର ଭାବେ କାମ କରିଚାଲିଲେ ଏହି ପ୍ଲାଟ୍‌ଫର୍ମରେ ଅଜସ୍ର ସଫଳତା ଲୁଚି ରହିଛି। ଫ୍ୟାଶନକୁ ନିଶା କରିଥିବା ବ୍ୟକ୍ତି ହିଁ ଏଥିପାଇଁ ଫିଟ୍ ବୋଲି ମୁଁ ଭାବୁଛି।

### ସଂକ୍ଷେପରେ ପରିଚୟ

- ନାମ: ଦୀପ୍ତିଜ୍ୟୋତି ପଟ୍ଟନାୟକ
- ବାପା: ପ୍ରଭାତ ପଟ୍ଟନାୟକ
- ମାଆ: ସରୋଜବାଳା ପଟ୍ଟନାୟକ
- ଆଇକନ୍: ଦୀପିକା ପାଡୁକୋନ୍
- ଜନ୍ମସ୍ଥାନ: ଭୁବନ, ଢେଙ୍କାନାଳ
- କର୍ମସ୍ଥାନ: ଭୁବନେଶ୍ୱର
- ଖାଦ୍ୟରୁଚି: ଚିକେନ ସମ୍ପର୍କିତ ସବୁ
- ପ୍ରିୟ ରଙ୍ଗ: କଳା, ଲାଲ୍
- ହବି: ଫଟୋଗ୍ରାଫି, ମଡେଲିଂ

-ରିପୋର୍ଟ: ବିପିନ ବିହାରୀ ସେଠୀ, ଭୁବନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ମଙ୍ଗଳବାର, ଫେବୃୟାରୀ ୪ /୨୦୨୦, Dhenkanal, Tuesday, February 4 / 2020

## ସଂକ୍ଷେପରେ

### ବକେୟା ସହ ନିଯୁକ୍ତି ନ ମିଳିଲେ ଆତ୍ମହତ୍ୟା

ଅନୁଗୋଳ ଅଫିସ୍, ୩।୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ହେଲ୍ଥ ଡେସ୍କ କର୍ମଚାରୀମାନେ ସୋମବାର ଜିଲାପାଳଙ୍କ

**ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଚେତାବନୀ ଦେଲେ ହେଲ୍ଥଡେସ୍କ କର୍ମଚାରୀ**

ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କୁ ୬ ମାସ ହେବ ଦରମା ମିଳିନାହିଁ। ଏପରି କି ଦରମା ପ୍ରଦାନ କରାଯାଇ ନ ଥିବା ବେଳେ ନୂତନ ସଂସ୍ଥା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ଅନଭିଜ୍ଞଙ୍କୁ ହେଲ୍ଥ ଡେସ୍କରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବାରୁ ତୁରନ୍ତ ସେମାନଙ୍କୁ ବକେୟା ପ୍ରଦାନ କରିବାକୁ ଦାବି କରାଯାଇଛି। ପ୍ରଶାସନ ପଦକ୍ଷେପ ନ ନେଲେ ସମସ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ୧୦ ଜଣ ହେଲ୍ଥ ଡେସ୍କ କର୍ମଚାରୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅନୁପସ୍ଥିତରେ ସମ୍ପୃକ୍ତ କର୍ମଚାରୀମାନେ ଡେପୁଟି କଲେକ୍ଟର ସରିତା ପ୍ରଧାନଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି।

### ବଢୁଛି ଚୋରା ମଦ କାରବାର

ବଇଣ୍ଡା,୩।୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଆମ୍ବଶରମୁଣ୍ଡା, ଠାକୁରଗଡ଼, ମଇମୁରା, କୃତ୍ତିବାସପୁର, ଜରପଡ଼ା, ସାନହୁଲା, ପେଡ଼ିପଥର, ସାପଘରା, ପାଇକସାହି, ଟାପଢୋଲ, କନ୍ତପଡ଼ା ଆଦି ବିଭିନ୍ନ ଗ୍ରାମରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପୋଲିସ ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଠିକ୍ ସମୟରେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେତେକ ପାନ ଓ ତେଜରାତି ଦୋକାନରେ ଏହି ଚୋରା ମଦ କାରବାର କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି କେତେକ ଝୁମ୍ପୁଡ଼ି ହୋଟେଲରେ ଚୋରା ମଦ ପାଉଚ ବିକ୍ରି କରାଯାଉଛି। ସ୍ଥାନୀୟ ଅବକାରୀ ଓ ପୋଲିସ ବିଭାଗର କିଛି ତଳିଆ କର୍ମଚାରୀଙ୍କୁ ହାତ କରି ଏହି କାରବାର କରାଯାଉଥିବା କୁହାଯାଉଛି। ସେହିପରି ବିଦେଶୀ ମଦ ଦୋକାନ ଓ ଖୋଲା ପାଉଚ ଦେଶୀ ମଦ ଭାଟିର ବ୍ୟବସାୟ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଭାଟି ଓ ଦୋକାନର କେତେଜଣ କର୍ମଚାରୀ ବାଇକ୍ ଯୋଗେ ଏହାକୁ ଚୋରାରେ ଚାଲାଣ କରୁଥିବା ପାଇକସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି, ଜିଲାପାଳ ଦୃଷ୍ଟି ଦେଇ ଚୋରା ମଦ କାରବାର ବନ୍ଦ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ପୋଲିସ ପକ୍ଷରୁ ବହୁବାର ଚଢ଼ାଉ କରାଯାଇ ମଦ ଜବତ କରାଯାଇଛି।

### ସାପ୍ତାହିକ ହାଟ ଆରମ୍ଭ

ମାଧପୁର, ୩।୨- ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ମା' ମାହେଶ୍ୱରୀ ସଂସ୍କୃତି ଭବନ ନିକଟ ଆମ୍ବତୋଟାଠାରେ ଗାନ୍ଧୀଦୂତ ସେବାଶ୍ରମ, ଗୌତମପୁର ଆନୁକୂଲ୍ୟରେ ସୋମବାର ଏକ ସାପ୍ତାହିକ ହାଟ ଆରମ୍ଭ ହୋଇଛି। ଏହା ମାସର ପ୍ରତ୍ୟେକ ସୋମବାର ବସିବ ବୋଲି ଜଣାଯାଇଛି।

# ଭିନ୍ନ ଭଙ୍ଗୀ: ଚର୍ଚ୍ଚାରେ ମାଧବ

ବଅଁରପାଳ, ୩।୨ (ଡି.ଏନ.ଏ.)




**ବଅଁରପାଳ ବସ୍‌ଷ୍ଟାଣ୍ଡରେ କରୁଛନ୍ତି ଟ୍ରାଫିକ ନିୟନ୍ତ୍ରଣ**

୫୫ ନମ୍ବର ଜାତୀୟ ରାଜପଥର ବଅଁରପାଳ ବସ୍‌ଷ୍ଟାଣ୍ଡ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ହୋମଗାର୍ଡ ମାଧବ ଗୋଚ୍ଛାୟତ ଏବେ ଚର୍ଚ୍ଚାରେ। ଟ୍ରାଫିକ ନିୟନ୍ତ୍ରଣରେ ଭିନ୍ନ ଅଙ୍ଗଭଙ୍ଗୀ ତାଙ୍କୁ ଅନ୍ୟ ହୋମଗାର୍ଡମାନଙ୍କଠାରୁ ସ୍ୱତନ୍ତ୍ର କରିଦେଇଛି। ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ି ଚାଳକ ଓ ସାଧାରଣ ଲୋକଙ୍କୁ ମଧ ମାଧବଙ୍କ ଭିନ୍ନ ଶୈଳୀ ବେଶ୍ ପସନ୍ଦ ଆସିଛି।

ଜନଗହଳିପୂର୍ଣ୍ଣ ବଅଁରପାଳ ବସ୍‌ଷ୍ଟାଣ୍ଡଠାରେ ୫୫ ନମ୍ବର ଜାତୀୟ ରାଜପଥ ୧୪୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ଏହି ଛକଦେଇ ଚଳାଚଳ କରୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। କିନ୍ତୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ପରିବର୍ତ୍ତେ କେତେଜଣ ହୋମଗାର୍ଡଙ୍କ ଉପରେ ଦାୟିତ୍ୱ ଛାଡ଼ିଦିଆଯାଇଛି। ସମ୍ପୃକ୍ତ ହୋମଗାର୍ଡମାନଙ୍କ ମଧ୍ୟରେ ରହିଛନ୍ତି ବଅଁରପାଳ ଥାନାରେ କାର୍ଯ୍ୟ କରୁଥିବା ମାଧବ ଗୋଚ୍ଛାୟତ। ତାଙ୍କ ଘର ସ୍ଥାନୀୟ ତୁଳସୀପାଳ ଗ୍ରାମରେ। ଏଠାରେ ଡ୍ୟୁଟି ସମୟରେ ମାଧବ କରୁଥିବା ଭିନ୍ନ ଅଙ୍ଗଭଙ୍ଗୀ ତାଙ୍କୁ ଅନ୍ୟମାନଙ୍କ ନିକଟରେ ପରିଚିତ କରିପାରିଛି। କେତେବେଳେ ସେ ନୃତ୍ୟ ଶୈଳୀରେ ତ କେତେବେଳେ ନଇଁପଡ଼ି ଟ୍ରାଫିକ ପରିଚାଳନା କରୁଥିବା ଦେଖାଯାଉଛି। ବଅଁରପାଳ ଥାନାରେ ଦୀର୍ଘବର୍ଷ ଧରି ଚାକିରି କରିଥିବା ମାଧବ ଏହି ଛକରେ ମଧ ବହୁଦିନ ହେଲା ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ଏଠାରେ କାର୍ଯ୍ୟରତ ହୋମଗାର୍ଡମାନଙ୍କ ପାଇଁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ସେମାନେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାଫିକ ପରିଚାଳନା କରୁଥିବା ଦେଖାଯାଉଛି। ଛକରେ ଥିବା ଟ୍ରାଫିକ ପୋଷ୍ଟ ଦୀର୍ଘ ଦିନ ହେବ ଭଗ୍ନ ଅବସ୍ଥାରେ ପଡ଼ିଥିଲେ ବି ନୂତନ ବ୍ୟବସ୍ଥା କରାଯାଉ ନାହିଁ। ଏ ସମ୍ପର୍କରେ ମାଧବ କୁହନ୍ତି, ଦୀର୍ଘ ଦିନ ଧରି ଏହି ଟ୍ରାଫିକ ଛକରେ କାର୍ଯ୍ୟ କରୁଛି। ଗାଡ଼ି ଚାଳକମାନଙ୍କୁ ଏହି ଭିନ୍ନ ଶୈଳୀ ପସନ୍ଦ ଆସୁଥିବା ଦେଖି ଖୁସି ଲାଗୁଛି।

# ଅନୁଗୋଳରେ ବାର୍ଡ ଫ୍ଲୁ ଆଶଙ୍କା

ଅନୁଗୋଳ ଅଫିସ୍, ୩।୨

କରୋନା ଭାଇରସକୁ ନେଇ ଏବେ ସବୁଠି ଆତଙ୍କ ସୃଷ୍ଟି ହୋଇଥିବା ବେଳେ ଅନୁଗୋଳରେ ଏବେ କୁକୁଡ଼ା ଓ କାଉ ମଡକ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ କୁକୁଡ଼ା ସହ କାଉ ମରି ପଡୁଥିବାରୁ ସହରରେ ବାର୍ଡ ଫ୍ଲୁ ନେଇ ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ଦୁଇ ବର୍ଷ ପୂର୍ବରୁ ଅନୁଗୋଳ ଜିଲାରେ ବାର୍ଡ ଫ୍ଲୁ ଦେଖା ଦେଇଥିଲା। ବର୍ତ୍ତମାନ କୁକୁଡ଼ା ମୃତ୍ୟୁର କାରଣ କିଛି ଜଣାପଡୁ ନ ଥିବାରୁ ବାର୍ଡ ଫ୍ଲୁ ନେଇ ଅନେକ

**କୁକୁଡ଼ା ମଲେଣି, କାଉ ଘୁମାଇଲେଣି**

ଭୟଭୀତ ହୋଇପଡ଼ିଛନ୍ତି। ଅନୁଗୋଳ ମାଛ ମାର୍କେଟ୍ ନିକଟ ପୋଖାରୀ ଠାରେ କେତେଜଣ ବ୍ୟବସାୟୀ ମୃତ କୁକୁଡ଼ା ଗୁଡ଼ିକୁ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ଦିଲୀପ ପଟ୍ଟନାୟକ କହିଛନ୍ତି, କରୋନା ଭାଇରସ୍ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏପରି କି ପ୍ରତ୍ୟେକ ହୋଟେଲ ଓ ଗ୍ରାମାଞ୍ଚଳକୁ ଫେରୁଥିବା ଲୋକଙ୍କ ଉପରେ ଦୃଷ୍ଟି ଦିଆଯାଉଛି। କିନ୍ତୁ ବାର୍ଡ ଫ୍ଲୁ ସମ୍ପର୍କରେ ସେପରି କୌଣସି ତଥ୍ୟ ଆସି ନାହିଁ। ଏପରି ଖବର ମିଳିବା ପରେ ମଙ୍ଗଳବାର ଏକ ଟିମ୍ କରି ବିଭିନ୍ନ ଦୋକାନରେ ଚଢ଼ାଉ କରାଯିବ ବୋଲି ଏଡିଏମ୍‌ଓ ପ୍ରକାଶ କରିଛନ୍ତି।

# ଆର୍ସେଲର ମିତ୍ତଲଙ୍କୁ ମିଳିଲା ଠାକୁରାଣୀ ଲୁହାପଥର ଖଣି

ଭୁବନେଶ୍ୱର,୩।୨(ବ୍ୟୁରୋ)

**ଫେବୃୟାରୀ ୧୮ ସୁଦ୍ଧା ୧୯ ଖଣିର ନିଲାମ ଶେଷ କରିବା ଲକ୍ଷ୍ୟ**

ସୁନ୍ଦରଗଡ଼ ଜିଲାରେ ଥିବା ଠାକୁରାଣୀ ଲୁହାପଥର ଖଣିକୁ ହାତେଇବାରେ ଆର୍ସେଲ ମିତ୍ତଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସଫଳ ହୋଇଛି। ଏହି ଖଣିର ଲୁହାପଥର ବିକ୍ରି ମୂଲ୍ୟର ୧୦୭.୫୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ସର୍ତ୍ତରେ ଏହି ଖଣି ଆର୍ସେଲର ମିତ୍ତଲକୁ ମିଳିଛି। ଏହାଛଡ଼ା କମ୍ପାନୀ ଟିକସ ପଇଠ କରିବା ସହ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍‌ଏଫ୍) ଏବଂ ଖଣି ସମ୍ପର୍କିତ ଅନ୍ୟାନ୍ୟ ଦେୟ ଦେବାକୁ ରାଜି ହୋଇଛି। ଠାକୁରାଣୀ ଲୁହାପଥର ବ୍ଲକରେ ୧୭୯ ନିୟୁତ ଟନ୍ ଲୁହାପଥର ଥିବା ଆକଳନ କରାଯାଇଛି। ଏହି ନିଲାମ ପ୍ରକ୍ରିୟାରେ ୧୦ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ ମଧ ସେମାନଙ୍କ ମଧ୍ୟରୁ ଆମଲ୍‌ଗାମ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍, ଜେଏସ୍‌ପିଏଲ, ବିଆରପିଏଲ୍, କେଜେଏସ୍ ଆଲୁଓ୍ୱାଲିଆ, ଆର୍ସେଲ ମିତ୍ତଲ ଏବଂ ଓଡ଼ିଶା ମେଟାଲିକ୍ସ ନିଲାମର ବେସ୍ ପ୍ରାଇସ୍ ୭୨.୪ ପ୍ରତିଶତ ଭିତରେ ରହିଥିଲା। ଏହା ପୂର୍ବରୁ ଜେଏସ୍‌ଡବ୍ଲୁ ଷ୍ଟିଲ ନୂଆଗାଁ ଓ ନାରାୟଣପୋଷି ଲୁହାପଥର ଖଣି ହାତେଇଛି। ଏହି ଦୁଇଟି ଖଣିରେ ମୋଟ୍ ୯୮୦ ନିୟୁତ ଟନ୍ ଲୁହାପଥର ଥିବା କୁହାଯାଇଛି। ନୂଆଗାଁ ଲୁହାପଥର ଖଣିରେ ପ୍ରାୟ ୭୯୦ ନିୟୁତ ଟନ୍ ଲୁହାପଥର ଗଚ୍ଛିତ ଥିବାବେଳେ ନାରାୟଣପୋଷି ଲୁହାପଥର ବ୍ଲକରେ ୧୯୦ ନିୟୁତ ଟନ୍ ରହିଥିବା ଆକଳନ କରାଯାଇଛି। ଏହାପରେ ବଳଦା ଲୁହାପଥର ଖଣି ନିଲାମ ହେବାର ଅଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଚାଲିଛି। ସମସ୍ତ ଖଣିର ନିଲାମ ଫେବୃୟାରୀ ୧୮ ସୁଦ୍ଧା ଶେଷ ହେବା ପରେ ନିଲାମଧାରୀଙ୍କୁ ଲେଟର ଅଫ ଇଣ୍ଟେଣ୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସବୁ ନିଲାମ ହେଉଥିବାରୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଲାଭବାନ୍ ହେଉଛନ୍ତି। ରାଜ୍ୟ ରାଜକୋଷକୁ ରୟାଲ୍‌ଟି ଆକାରରେ ଯେତିକି ପ୍ରତିଶତ ପୂର୍ବରୁ ମିଳୁଥିଲା, ତାହାଠାରୁ ଯଥେଷ୍ଟ ଅଧିକ ଏବେ ମିଳିବ। ଅନ୍ୟପଟେ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଭାବର ଅନୁକମ୍ପା ହେତୁ ୨ ଖଣି ମାଲିକ ଓଡ଼ିଶାର ରକ୍ତ ଶୋଷି ଅତ୍ୟନ୍ତ ଲାଭବାନ ହେଉଛନ୍ତି। ପ୍ରଥମଟି ହେଲା ଟାଟା ଏବଂ ୨ୟଟି ହେଲା ପଟ୍ଟନାୟକ ଖଣି କମ୍ପାନୀ। ଏହି ଦୁହିଁଙ୍କ ପାଖରେ ଲାଭ ଦାୟକ ଖଣି ରହିଥିବା ସତ୍ତ୍ୱେ ସେମାନଙ୍କୁ ବର୍ଦ୍ଧିତ ରୟାଲଟି ଦେବାକୁ ପଡୁ ନାହିଁ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ଷତି ଘଟୁଛି। ଓଡ଼ିଶାର ଜଙ୍ଗଲ ହାନୀ ସହିତ ପ୍ରାକୃତିକ ସମ୍ପଦ ହରିଲୁଟ ମଧ ହେଉଛି। ପୂର୍ବରୁ ନିଲାମ ପ୍ରକ୍ରିୟାକୁ ବାତିଲ କରିଦେଇପାରୁଥିବା ରାଜ୍ୟ ସରକାର ଏହି ଟାଟା ଏବଂ ପଟ୍ଟନାୟକ ୨କମ୍ପାନୀଙ୍କୁ କାହିଁକି ସାହାଯ୍ୟ କରୁଛନ୍ତି ତାହା ପରବର୍ତ୍ତୀ ସମୟରେ ବୁଝାପଡ଼ିବ।

# କଣିହାଁରେ ପ୍ରତିଷ୍ଠା ହେବ ଜେଏମ୍‌ଏଫ୍‌ସି



ଜିଲା ଦୌରାଜଜ୍‌ଙ୍କ ସହ ଅଧିକାରୀମାନେ ନ୍ୟାୟାଳୟ ପ୍ରତିଷ୍ଠା ସ୍ଥାନ ପରିଦର୍ଶନ କରୁଛନ୍ତି।

କଣିହାଁ, ୩।୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ପ୍ରତିଷ୍ଠା ହେବ। ଏ ନେଇ ସୋମବାର ଅପରାହ୍ନ ୫ଟାରେ ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ କଣିହାଁ ପରିଦର୍ଶନରେ ଆସି ଏହି ସୂଚନା ଦେଇଛନ୍ତି। କୋର୍ଟର ନୂତନ କୋଠା ନିର୍ମାଣ ପାଇଁ ତହସିଲ ତରଫରୁ ୨ ଏକରରୁ ଅଧିକ ଜାଗା ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟ ବର୍ଷେ ମଧ୍ୟରେ ଶେଷ ହେବ। ତେବେ ବର୍ତ୍ତମାନ କଣିହାଁ ଡାକବଙ୍ଗଳା ତଥା ପୁରୁଣା ତହସିଲ କାର୍ଯ୍ୟାଳୟଠାରେ କୋର୍ଟ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଜିଲା ଦୌରାଜଜ୍‌ଙ୍କ ସହ ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ରମେଶ କୁମାର ଜେନା, ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, ଡାକ୍ତର ବେହେରା ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଭିତ୍ତିଭୂମି ପାଇଁ ପୁରୁଣା କୋଠାର ମରାମତି ସହ ନବୀକରଣ କାର୍ଯ୍ୟ ୨ ମାସ ମଧ୍ୟରେ ଶେଷ କରାଯାଇ ଆସନ୍ତା ଏପ୍ରିଲ ସୁଦ୍ଧା ନ୍ୟାୟାଳୟ ଚାଲିବ ବୋଲି ସ୍ଥିର ହୋଇଛି। ଏହା ପୂର୍ବରୁ କାର୍ଯ୍ୟ ଶେଷ ହୋଇପାରିଲେ କୋର୍ଟ ଚାଲିବ ବୋଲି ଜିଲା ଦୌରାଜଜ୍ ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ଗାଳି ଗୁଲଜ ଅଭିଯୋଗ

ବଇଣ୍ଡା,୩।୨(ଡି.ଏନ.ଏ.)

କିଶୋରନଗର ଥାନା ହିମିତିରା ଗ୍ରାମର ପ୍ରଦ୍ୟୁମ୍ନ ସାହୁଙ୍କୁ ସେହି ଗ୍ରାମର ବିଭୁଦେନ୍ଦ୍ର ନାୟକ ରବିବାର ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରଦ୍ୟୁମ୍ନ ଓ ବିଭୁଦେନ୍ଦ୍ରଙ୍କ ମଧ୍ୟରେ କିଛି ବର୍ଷ ହେବ ବିବାଦ ଲାଗି ରହିଥିଲା। ରବିବାର କୌଣସି କାରଣ ନ ଥାଇ ତାଙ୍କୁ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଅଁରପାଳ, ୩।୨(ଡି.ଏନ.ଏ.)

ବଅଁରପାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ରବିବାର ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଯୁବକ ଜଣକ ସନ୍ଧ୍ୟାରେ ନାବାଳିକାଙ୍କୁ ଘରୁ ଡାକି କେଉଁଆଡେ ନେଇଯାଇଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ୨୬୩ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କଣିହାଁ, ୩।୨(ଡି.ଏନ.ଏ.)



କଣହାଁ ବ୍ଲକ ପବିତ୍ରମୋହନ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜନଶୁଣାଣି ଶିବିର ସହ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ବିଡିଓ ରମେଶ କୁମାର ଜେନା, ଏବିଡିଓ ବିଜୟ କୁମାର ମେହେର, ବ୍ଲକ ଅର୍ଥ ନିରୀକ୍ଷକ ବିଭୂ ପ୍ରସାଦ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ସୁଜାତା ନାୟକ, ଶରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ୧୭ ପଞ୍ଚାୟତର ୨୬୩ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା।




# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର



ଜିଲା ପ୍ରଶାସନକୁ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ୍, ୩।୨

**ଜିଲାବାସୀଙ୍କୁ ମାଗଣା ବିଜୁଳି ଦାବି**

ଅନୁଗୋଳ ଜିଲାବାସୀଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେବା ଦାବିରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଏ ନେଇ ମାସକ ମଧ୍ୟରେ ପଦକ୍ଷେପ ଗ୍ରହଣ ନ କଲେ ମାର୍ଚ୍ଚ ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ସମାବେଶ ସହ ଜିଲାବ୍ୟାପୀ ଗଣଆନ୍ଦୋଳନ କରାଯିବ ବୋଲି ଅନୁଷ୍ଠାନର ଆବାହକ ପ୍ରମୋଦ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ସରିତା ପ୍ରଧାନଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ଜିଲାରେ ଥିବା ଚାରୋଟି ବୃହତ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ପ୍ରାୟ ୭ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏଥିସହିତ ୧୭ଟି କୋଇଲା ଖଣିରୁ ରାଜ୍ୟ ତଥା ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠିତ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକୁ କୋଇଲା ଯୋଗାଣ ହେଉଛି। ମାତ୍ର ଦୀପତଳ ଅନ୍ଧାର ପରି ଅନୁଗୋଳ ଜିଲାବାସୀ ଉନ୍ନତମାନର ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଅନୁଗୋଳ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ସେହିପରି ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ସହ ବିଲ୍ ଆଦାୟ ନାଁରେ ସେସୁ ପକ୍ଷରୁ ହେଉଥିବା ଶୋଷଣ, ବିଦ୍ୟୁତ୍ କାଟ୍ ବନ୍ଦ କରାଯାଉ। ତାଳଚେର ମେଡିକାଲ କଲେଜକୁ ଘରୋଇ କମ୍ପାନୀ ବଦଳରେ ଏମ୍‌ସିଏଲ୍ କିମ୍ବା ସରକାର ସିଧାସଳଖ ପରିଚାଳନା କରନ୍ତୁ ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କମିଟି ପକ୍ଷରୁ ଆବାହକ ପ୍ରଧାନଙ୍କ ସହ ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ନିରୋଦ ଚନ୍ଦ୍ର ପାଳ, ରମେଶ ଚନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ସୂର୍ଯ୍ୟକାନ୍ତ ଦାସ, ମାନସ ପାଳ, ନିର୍ମଳ ସାହୁ, ତ୍ରେତାନନ୍ଦ ସାମନ୍ତ, ମୀନକେତନ ପ୍ରଧାନ, ବଳରାମ ବେହେରା, ତ୍ରିଲୋଚନ ଜେନା ଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ